# ଏସଡିପିଓଙ୍କ ସମେତ ୬ ପୁଲିସ ଆକ୍ରାନ୍ତ

**କଟକ,୨୯।୬/ଏନ୍‌ଏନ୍‌ଏସ୍ :**

ବଡ଼ମ୍ବାରେ ସମ୍ପ୍ରତି କରୋନା ପରିସ୍ଥିତି ଅଣାୟତ ହେବାରେ ଲାଗିଛି। ଗତକାଲି ବଡ଼ମ୍ବା ଥାନା ଅଧିକାରୀଙ୍କ ସ୍ୱାବ ରିପୋର୍ଟ ପଜିଟିଭ ଆସିବା ପରେ ତାଙ୍କ ସଂସ୍ପର୍ଶରେ ଆସିଥିବା ଥାନାର ଅନ୍ୟ ଅଧିକାରୀ ଓ କର୍ମଚାରୀଙ୍କର ସ୍ୱାବ ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ଲାବୋରୋଟୋରୀକୁ ପଠାଯାଇଥିଲା। ସେହିଭଳି ଆଠଗଡ଼ ଏସଡିପିଓଙ୍କ ସମେତ ତାଙ୍କ ଡ୍ରାଇଭର ସମ୍ପୃକ୍ତ ଥାନା ଅଧିକାରୀଙ୍କ ସଂସ୍ପର୍ଶରେ ଆସିଥିବାରୁ ସେମାନଙ୍କ ସ୍ୱାବ ମଧ ପରୀକ୍ଷା ପାଇଁ ଯାଇଥିଲା। ଆଜି ୬ ଜଣଙ୍କର ସ୍ୱାବ ରିପୋର୍ଟ ପଜିଟିଭ ଆସିଛି। ସେମାନଙ୍କ ମଧ୍ୟରେ ଆଠଗଡ ଏସଡିପିଓ, ତାଙ୍କ ଡ୍ରାଇଭର, ବଡ଼ମ୍ବାଥାନାର ୨ଜଣ ସବ୍‌ଇନ୍ସପେକ୍ଟର ଏବଂ ୨ଜଣ ଏଏସଆଇ ରହିଛନ୍ତି। ଫଳରେ ବଡ଼ମ୍ବା ଥାନାକୁ ସିଲ କରି ଦିଆଯାଇଛି। ପୁରୁଣା ବିଲ୍ଡିଂରେ ଏହି ଥାନା କାର୍ଯ୍ୟ କରୁଛି। ବଡ଼ମ୍ବା ଅଞ୍ଚଳକୁ ଗତକାଲି ଠାରୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ କଟକ ସିଡ଼ିଏ ସେକ୍ଟରରେ ୯ରେ ବଡ଼ମ୍ବା ଥାନା ଅଧିକାରୀ ସପରିବାରେ ରହୁଥିବା ଯୋଗୁଁ ସମ୍ପୃକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଆଜି ଉକ୍ତ ଅଞ୍ଚଳରୁ ୧୨ଜଣଙ୍କ ସ୍ୱାବ ନମୂନା ପରୀକ୍ଷା ପାଇଁ ପଠାଯାଇଥିବାବେଳେ ତାଙ୍କ ପତ୍ନୀଙ୍କ ନମୂନାରୁ ପଜିଟିଭ ଚିହ୍ନଟ ହୋଇଥିବା ଖବର ମିଳିଛି। ସମ୍ପୃକ୍ତ ଥାନା ଅଧିକାରୀଙ୍କର କରୋନା ଜନିତ ଲକ୍ଷଣ ପୂର୍ବରୁ ଦେଖାଦେଇଥିଲା। ତେଣୁ ତାଙ୍କର ସ୍ୱାବ ପରୀକ୍ଷା ନିମନ୍ତେ ପଠାଯାଇଥିଲା। ସ୍ୱାବ ରିର୍ପୋଟ ପଜିଟିଭ ଆସିବା ପରେ ତାଙ୍କୁ କୋଭିଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଥାନାର ହୋମଗାର୍ଡ଼ କନେଷ୍ଟବଳଙ୍କ ସମେତ କେତେକ କର୍ମଚାରୀଙ୍କ ଠାରେ କରୋନା ଜନିତ ଲକ୍ଷଣ ଦେଖାଦେଇଥିଲା। ଥାନା ଅଧିକାରୀଙ୍କ କରୋନା ପଜିଟିଭ ଚିହ୍ନଟ ହେବାପରେ ଥାନା କର୍ମଚାରୀଙ୍କୁ କ୍ୱାରେଣ୍ଟାଇନରେ ରଖାଯାଇଥିଲା। ବଡ଼ମ୍ବାଥାନାର ପ୍ରାୟ ୨୨ଜଣ କର୍ମଚାରୀ, ବ୍ଲକର ୨୫ଜଣ ଅଧିକାରୀ, ▶▶ ୭

Tue, Jun 30, 2020